# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 410 CUTTACK, MONDAY, FEBRUARY 29, 2016/FALGUNA 10, 1937**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 10 ଫେବ୍ରୁଆରୀ 2016

ସଂଖ୍ୟା 4586—RDM-LAC-DKNL-0018/2016-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ରେଙ୍ଗାଳି (ଦକ୍ଷିଣ କେନାଲ) ଜଳସେଚନ ଅନ୍ତର୍ଗତ ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ବଣିଆସାହି, ଥାନା ଢେଙ୍କାନାଳ ସଦର, ତହସିଲ ଢେଙ୍କାନାଳ ସଦର, ଜିଲ୍ଲା ଢେଙ୍କାନାଳରେ ନିମ୍ନ ତଫସିଲମତେ ପ୍ରାୟ ୦.୭୧ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ରେଙ୍ଗାଳି (ଦକ୍ଷିଣ ଡିଭିଜନ) ଜଳସେଚନ ପ୍ରକଳ୍ପ, ନରସିଂହପୁର ଶାଖା କେନାଲ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱକେନାଲ ଡିଭିଜନ ନଂ. ୩, ଖଣ୍ଡୁଣୀ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ଢେଙ୍କାନାଳ ।

୬ । ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଢେଙ୍କାନାଳ ସଦର | ବଣିଆସାହି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର  ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲି ଦକ୍ଷିଣ କେନାଲ ସିଷ୍ଟମଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ ଓ ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ମଣ୍ଡଳ ନଂ.-III, ରେଙ୍ଗାଲି କେନାଲ ପ୍ରଣାଳୀଙ୍କ କାର୍ଯ୍ୟାଳୟ ଢେଙ୍କାନାଳରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ  ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଭୂମି ଅନୁସୂଚୀ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ୍ ନଂ. | ପ୍ଲଟ ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ, ପିତାର ନାମ/ ସ୍ୱାମୀଙ୍କର ନାମ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୧ | ୫୩(କ) | ୧୬୬୯ | ୦.୧୮୦ | ୦.୦୫୦ | କାଳନ୍ଦି ପଣ୍ଡା, ପି. ପାଣୁ ପଣ୍ଡା |
| ୨ | ୧୪୬ | ୧୬୬୫ | ୦.୯୪୦ | ୦.୧୮୦ | ଯୋଗିନାଥ ପଣ୍ଡା, ପି. ହର ପଣ୍ଡା |
| ୩ | ୧୮୪ | ୧୬୭୬ | ୧.୧୪୦ | ୦.୨୦୦ | ନବକିଶୋର ନନ୍ଦ, ପି. ଯୋଗେଶ୍ୱର ନନ୍ଦ |
| ୪ | ୩୪୨ | ୧୬୬୬ | ୦.୩୩୦ | ୦.୦୮୦ | ରାଜକିଶୋର ପଣ୍ଡା, ପି. ରଘୁନାଥ ପଣ୍ଡା |
| ୫ | ୪୩୮/୧୮୨ | ୧୬୬୯/୨୦୫୫ | ୦.୨୦୦ | ୦.୨୦୦ | ବିଚିତ୍ରାନନ୍ଦ ବାରିକ, ପି. ଲକ୍ଷ୍ମଣ ବାରିକ |
| | | ମୋଟ | ୨.୭୯୦ | ୦.୭୧୦ | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ସନାତନ ମଲ୍ଲିକ**

ଅତିରିକ୍ତ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1711—173+20